To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

# ସକାଳ

THE SAKALA
ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ
R.N.I. No.-42041/83 Vol-16, Issue No.66, ଭଦ୍ରକ, ଶନିବାର, ୧, ସେପ୍ଟେମ୍ବର ୨୦୧୮ ■ Bhadrak, Saturday, 1 September 2018 Rs. 2.00 Pages-8

### ରାହୁଲ ଭାରତ ଅପେକ୍ଷା ଚୀନକୁ ଅଧିକ ଭଲ ପାଆନ୍ତି : ସମ୍ବିତ୍



## ଦୁଇ ଦଶନ୍ଧିର ସ୍ୱପ୍ନ ସାକାର

### ବଲାଙ୍ଗୀରରେ ସନ୍ଥ ଭୀମ ଭୋଇ ମେଡିକାଲ କଲେଜ ଲୋକାର୍ପିତ



ଭୁବନେଶ୍ୱର, ୩୧।୮ (ସକାଳ ଖବର): ସ୍ୱାସ୍ଥ୍ୟସେବାରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଅନଗ୍ରସର ବଲାଙ୍ଗୀର ଜିଲ୍ଲାରେ ୨୮ ଏକର ପରିମିତ ଜମି ଉପରେ ୧୮୭.୧୭ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହୋଇଥିବା ସନ୍ଥ ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲକୁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଏବଂ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ ପ୍ରସାଦ ନଡ୍ଡା ଲୋକାର୍ପିତ କରିଛନ୍ତି।ଏହି ମେଡିକାଲ କଲେଜରେ ଶୁକ୍ରବାର ଠାରୁ ପାଠପଢା ମଧ୍ୟ ଆରମ୍ଭ ହୋଇଛି। ୧୦୦ ଜଣ ଛାତ୍ରଛାତ୍ରୀ ଡାକ୍ତରୀ ଶିକ୍ଷା ଲାଭ କରିବା ପାଇଁ ଏଥିରେ ନାମ ଲେଖାଇଛନ୍ତି।

ଏହି ଅବସରରେ ଆୟୋଜିତ ସଭାରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ନଡ୍ଡା କହିଛନ୍ତି ଯେ ଓଡିଶାରେ ଆଉ ୩ଟି ସରକାରୀ ମେଡିକାଲ କଲେଜ କରିବାପାଇଁ କେନ୍ଦ୍ର ସରକାରଙ୍କ ପ୍ରସ୍ତାବ ରହିଛି।ଏଥିପାଇଁ ସରକାରୀ ଜମି ଯୋଗାଇଦେବାପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସେ ଅନୁରୋଧ କରିଥିଲେ। ଅନ୍ୟପକ୍ଷରେ ଲୋକାର୍ପଣ ଉତ୍ସବରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ବଲାଙ୍ଗୀରବାସୀଙ୍କ ଦୀର୍ଘ ଦିନର ସ୍ୱପ୍ନ ପୂରଣ ହୋଇଛି । ସହଯୋଗ ପାଇଁ କେନ୍ଦ୍ରକୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇବା ସହ ନୂତନ ଭାବେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

ଶ୍ରୀ ନଡ୍ଡା କହିଥିଲେ ଯେ କେନ୍ଦ୍ର ସରକାର ଓଡିଶାର ଲୋକମାନଙ୍କୁ ଉନ୍ନତ ମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବାପାଇଁ ଏମସ୍ ଖୋଲାଯାଇଛି। ଆହୁରି ମଧ୍ୟ କେତେକ ମେଡିକାଲ କଲେଜକୁ ସୁପର ସ୍ପେଶାଲିଟି ହସ୍ପିଟାଲ କରିବାକୁ ନିଷ୍ପତି ନିଆଯାଇଛି। କଟକ ଏସସିବି ମେଡିକାଲ କଲେଜକୁ ସୁପର ସ୍ପେଶାଲିଟି ହସ୍ପିଟାଲ କରିବାକୁ ୨୫୯ କୋଟି ଟଙ୍କା ଯୋଗାଇ ଦିଆଯାଇଥିବା ବେଳେ କଟକ କ୍ୟାନ୍ସର ଇନଷ୍ଟିଚ୍ୟୁଟ୍ ପାଇଁ ୭୯ କୋଟି ଯୋଗାଇ ଦିଆଯାଇଛି। ବଲାଙ୍ଗୀର ମେଡିକାଲ କଲେଜ ଦ୍ୱାରା ସମ୍ପୃକ୍ତ ଜିଲ୍ଲା ସହିତ ଆଖପାଖ ଜିଲ୍ଲାର ଲୋକମାନେ ଉପକୃତ ହେବେ। ସମ୍ପୃକ୍ତ ଅଂଚଳବାସୀଙ୍କ ଦୀର୍ଘଦିନର ସ୍ୱପ୍ନ ପୂରଣ ହୋଇପାରିଛି। ସ୍ୱାସ୍ଥ୍ୟସେବାକୁ ଆଗେଇ ନେବାପାଇଁ ଘରୋଇ ସ୍ତରରେ ମେଡିକାଲ କଲେଜକୁ ପ୍ରୋତ୍ସାହନ ଦଆଯାଉଛି।

ସେ ଆହୁରି କହିଥିଲେ ଯେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ମୂଳ ଲକ୍ଷ୍ୟ ହେବା ଉଚିତ୍। ଏହା ମଧ୍ୟରେ କୌଣସି ରଜନୀତି ନହେବା ଉଚିତ୍। କେନ୍ଦ୍ର ସ୍ୱାସ୍ଥ୍ୟ ଯୋଜନା ଗୁଡିକୁ ରାଜ୍ୟ ଆପଣେଇଲେ ରୋଗୀମାନେ ଅଧିକରୁ ଅଧିକ ସେବା ପାଇପାରିବେ। ନିଜ ଯୋଜନା ସହ ରାଜ୍ୟ ସରକାର କେନ୍ଦ୍ରର ଆୟୁଷ୍ମାନ ଯୋଜନାକୁ ଆପଣେଇବାକୁ ଶ୍ରୀ ନଡ୍ଡା କହିଥିଲେ।

ଏହି ମେଡିକାଲ କଲେଜରେ ୮ଟି ବିଭାଗ ରହିଥିବା ବେଳେ ଏକ (ପୃଷ୍ଠା-୭)

## ୨୨ରେ ଓଡିଶା ଆସିବେ ମୋଦି

### ଝାରସୁଗୁଡା ବିମାନବନ୍ଦରର କରିବେ ଲୋକାର୍ପଣ



ଭୁବନେଶ୍ୱର, ୩୧।୮ (ସକାଳ ଖବର): ଆସନ୍ତା ସେପ୍ଟେମ୍ବର ୨୨ ତାରିଖରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଓଡିଶା ଗସ୍ତରେ ଆସିବେ। ଝାରସୁଗୁଡା ଠାରେ ନିର୍ମାଣ କରାଯାଇଥିବା ବିମାନ ବନ୍ଦର ଓ ରେଲଲାଇନ୍ କୁ ପ୍ରଧାନମନ୍ତ୍ରୀ ଲୋକାର୍ପିତ କରିବେ। ଏହା ବ୍ୟତୀତ ତାଳଚେର ସାର କାରଖାନାର ପୁନରୁଦ୍ଧାର ପାଇଁ ସେ ଶିଳାନ୍ୟାସ କରିବେ । ଏହି ପ୍ରସ୍ତାବିତ ପୁନରୁଦ୍ଧାର ପ୍ରକଳ୍ପରେ ୧୩ ହଜାର କୋଟି ଟଙ୍କା ବିନିଯୋଗ କରାଯିବ । ଏଥିରେ ଆମୋନିଆ , ୟୁରିଆ , ମିଥାଇଲ ଆଦି ଉତ୍ପାଦନ କରାଯିବ। ସେହିପରି ୨ ଟି ଖଣିର ଲୋକାର୍ପଣ ମଧ୍ୟ ମୋଦି କରିବା ସହ ଆୟୋଜିତ ସାଧାରଣ ସଭାରେ ଉଦବୋଧନ ଦେବେ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ଜୁଏଲ ଓରାମ ପ୍ରକାଶ କରିଛନ୍ତି।

ଶୁକ୍ରବାର ପୂର୍ବାହ୍ନରେ କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମ ଝାରସୁଗୁଡ଼ା ବିମାନ ବନ୍ଦର ପରିଦର୍ଶନ କରିବା ଅବସରରେ ଏହା କହିଥିଲେ। ଶ୍ରୀ ଓରାମଙ୍କ ସହ ବିଧାୟିକା ରାଧାରାଣୀ ପଣ୍ଡା, ଏୟାରପୋର୍ଟର ନିର୍ଦ୍ଦେଶକ ଓ ଏୟାର୍ ଓଡ଼ିଶାର ଅଧିକାରୀମାନେ ମଧ୍ୟ ବିମାନ ବନ୍ଦର ପରିଦର୍ଶନ କରିଥିଲେ। ସେପ୍ଟେମ୍ବର ୨୨ ତାରିଖରୁ ଏଠାରୁ ପ୍ରଥମ ବିମାନ ଉଡ଼ାଣ (ପୃଷ୍ଠା-୭)

## ଆସନ୍ତା ୫ ଦିନ ପର୍ଯ୍ୟନ୍ତ ଝଡ଼ ତୋଫାନ ସମ୍ଭାବନା

ଭୁବନେଶ୍ୱର, ୩୧।୮ (ସକାଳ ଖବର): ଆସନ୍ତା ୫ ଦିନ ପାଇଁ ପାଣିପାଗ ପକ୍ଷରୁ ସୂଚନା ଦିଆଯାଇଛି । ଆଜି ସକାଳ ୮ଟା ୩୦ରୁ ଆସନ୍ତା କାଲି ସକାଳ ୮ଟା ୩୦ ପର୍ଯ୍ୟନ୍ତ ଝଡ଼ ତୋଫାନ, ଘଡ଼ଘଡ଼ି ଏବଂ ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ଏହି ସୂଚନାରେ କୁହାଯାଇଛି । ମୟୁରଭଂଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ଢେଙ୍କାନାଳ, କେନ୍ଦୁଝର, ସୁନ୍ଦରଗଡ଼, ଅନୁଗୋଳ, ଦେଓଗଡ଼, ସମ୍ବଲପୁର, ଝାରସୁଗୁଡ଼ା, କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାରେ ବର୍ଷା ହେବ । ସେହିପରି ୧ ତାରିଖରୁ ୨ ତାରିଖ ମଧ୍ୟରେ କେନ୍ଦୁଝର, ମୟୁରଭଂଜ, ସୁନ୍ଦରଗଡ଼ ଜିଲ୍ଲାରେ, ୨ ତାରିଖରୁ ୩ ତାରିଖ ମଧ୍ୟରେ ଦକ୍ଷିଣ ଓଡ଼ିଶାର ଅଧିକାଂଶ ସ୍ଥାନରେ ଏବଂ ଉତର ଓଡ଼ିଶାର କେତେକ ସ୍ଥାନରେ ଝଡ଼ ତୋଫାନ, ବର୍ଷା ଲାଗି ରହିବ । ତେବେ କୌଣସି ସତର୍କ ସୂଚନା ଦିଆଯାଇନାହିଁ । ୩ ତାରିଖରୁ ୪ ତାରିଖ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବ । ୪ ତାରିଖରୁ ୫ ତାରିଖ ମଧ୍ୟରେ ରାଜ୍ୟର ଆଭ୍ୟନ୍ତରୀଣ ଅଂଚଳ ଏବଂ ଉପକୂଳ ଅଂଚଳର କେତେକ ସ୍ଥାନରେ ବର୍ଷା ଲାଗି ରହିବ । ମାତ୍ର କୌଣସି ସତର୍କ ସୂଚନା ନାହିଁ ।

## ସଚିବାଳୟରେ ଦୂତିଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର,୩୧।୮ (ସକାଳ ଖବର): ଜାକର୍ତାରେ ଅନୁଷ୍ଠିତ ଏସିଆନ ଗେମସରେ ୧୦୦ ମିଟର ଏବଂ ୨୦୦ ମିଟର ଦୌଡ଼ରେ ଚାନ୍ଦି ପଦକ ଆଣି ଭାରତ ପାଇଁ ଗୌରବ ଆଣିଦେଇଥିବାରୁ ଦୂତୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ସଚିବାଳୟଠାରେ ସମ୍ବର୍ଦ୍ଧିତ କରିଥିଲେ । ଦୂତୀଙ୍କୁ ୩ କୋଟି ଟଙ୍କାର ଏକ ଚେକ ପ୍ରଦାନ କରିଥିଲେ । ଏହା ବ୍ରତୀତ ଧାବିକା ଚାନ୍ଦଙ୍କର କୋଚ ଏନ. ରମେଶଙ୍କୁ ମଧ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ । ଏହି ଆୟୋଜିତ ଉତ୍ସବରେ କ୍ରୀଡ଼ା ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

## ରେଲୱେ ୱାର୍କସପ୍ ଓ ପ୍ରଡକ୍ସନ ୟୁନିଟରେ ବ୍ୟବହାର ହେବ ପ୍ରାକୃତିକ ଗ୍ୟାସ୍

### ଭାରତୀୟ ରେଳବାଇ ଓ ଗେଲ୍ ମଧ୍ୟରେ ବୁଝାମଣା ସ୍ୱାକ୍ଷରିତ

ଭୁବନେଶ୍ୱର,୩୧।୮ (ସକାଳ ଖବର): ଭାରତୀୟ ରେଳବାଇର ୱାର୍କସପ୍, ପ୍ରଡକ୍ସନ ୟୁନିଟ ଏବଂ ଗୋଦାମ ଗୁଡ଼ିକରେ ଏବେ ଡିଜୋଲଭଡ ଏସିଟିଲିନ୍, ଏଲପିଜି, ବିଏମସିଜି, ଫର୍ଣ୍ଣେସ ଅଏଲ୍, ହାଇସ୍ପିଡ୍ ଡିଜେଲ ପରିବର୍ତ୍ତେ ପରିବେଶ ଅନୁକୂଳ ପ୍ରାକୃତିକ ଗ୍ୟାସ୍ ବ୍ୟବହାର କରାଯିବ। ଏଥିପାଇଁ ନୂଆଦିଲ୍ଲୀସ୍ଥିତ ରେଲ ଭବନରେ ଆଜି ଭାରତୀୟ ରେଳବାଇ ଓ ଗେଲ୍ ଇଣ୍ଡିଆ ଲିମିଟେଡ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ପ୍ରାକୃତିକ ଗ୍ୟାସ୍ ବ୍ୟବହାର ଲାଗି ମୌଳିକ ଭିତିଭୂମି ସୁବିଧା ଗେଲ୍ ଯୋଗାଇ ଦେବ। ଏହି ଅବସରରେ ରେଲୱେ ବୋର୍ଡ ଚେୟାରମ୍ୟାନ୍ ଅଶ୍ୱନୀ ଲୋହାନୀ ଓ ଗେଲର ସିଏମ୍ଡି ବି.ସି. ତ୍ରିପାଠୀ ଉପସ୍ଥିତ ଥିଲେ। ଚୁକ୍ତିନାମାରେ ଭାରତୀୟ ରେଳବାଇ ପକ୍ଷରୁ ଇଣ୍ଡିଆନ ରେଲୱେ ଅର୍ଗାନାଇଜେସନ ଫର ଅଲଟରନେଟ ଫୁଏଲ୍ସର ଶ୍ରୀ ଚେତରାମ ଏବଂ ଗେଲ୍ ଇଣ୍ଡିଆ ପକ୍ଷରୁ ନିର୍ଦ୍ଦେଶକ (ମାର୍କେଟିଙ୍ଗ) ଗଜେନ୍ଦ୍ର ସିଂ ସ୍ୱାକ୍ଷର କରିଥିଲେ। ଭାରତୀୟ ରେଳବାଇକୁ ଉଭୟ ଔଦ୍ୟୋଗିକ (ପୃଷ୍ଠା-୭)

## ପୂରା ଭୁବନେଶ୍ୱର ହେବ ୱାଇଫାଇ

ଭୁବନେଶ୍ୱର, ୩୧।୮ (ସକାଳ ଖବର): ଆଜି ରାଜଧାନୀରେ ନିରାଡ଼ମ୍ବରରେ ସ୍ୱାୟତଶାସନ ଦିବସ ପାଳିତ ହୋଇଥିଲା । ସମଗ୍ର ଭୁବନେଶ୍ୱର ସହରକୁ ୱାଇଫାଇ ଜୋନ କରାଯିବ । ହକି ଟୁର୍ଣ୍ଣାମେଂଟ ପୂର୍ବରୁ ଭୁବନେଶ୍ୱର ସହରରେ ୧୦୦ଟି ନୂଆ ସିଟି ବସ୍ ଗଡ଼ିବ ଏବଂ ଜଳମୁକ୍ତ କରାଯିବ । ୮୦ କି.ମି. ପର୍ଯ୍ୟନ୍ତ ୱାଲ ପେଂଟିଂ ହେବ । ଏଥିରେ ଓଡ଼ିଶାର କଳା, ସଂସ୍କୃତି,ଐତିହ୍ୟ ସ୍ଥାନିତ କରାଯିବ ବୋଲି ବିଏମସିର ମେୟର ଅନନ୍ତ ନାରାୟଣ ଜେନା ଏବଂ କମିଶନର କ୍ରିଷ୍ଣ କୁମାର ପ୍ରକାଶ କରିଛନ୍ତି ।



କାହାପ୍ରତି ଈର୍ଷା, ଦ୍ୱେଷ ଏବଂ ପ୍ରତିଶୋଧ ଭାବ ରଖନ୍ତୁ ନାହିଁ । ଭଗବାନ ସ୍ୱୟଂ ତୁମକୁ ରକ୍ଷା କରିବେ ।



ହୁଣ୍ଡିର ଆୟ (୨୫.୮.୧୮)
୨,୪୨,୪୧୪

## ଭୁବନେଶ୍ୱରର ବିମାନବନ୍ଦରରୁ ପୁଣି ସୁନା ଜବତ

ଭୁବନେଶ୍ୱର,୩୧।୮ (ସକାଳ ଖବର): ପୁଣି ଥରେ ଭୁବନେଶ୍ୱରର ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ସୁନା ଜବତ କରାଯାଇଛି। ଶୁକ୍ରବାର ଦିନ ବିମାନ ବନ୍ଦରରୁ ଚୋରାଚାଲାଣ ହେଉଥିବା ବେଳେ ୩୪୦ ଗ୍ରାମ ସୁନା ଜବତ କରାଯାଇଛି। ଜବତ ସୁନାର ମୂଲ୍ୟ ପ୍ରାୟ ୧୦ ଲକ୍ଷ ୫୬ ହଜାର ଟଙ୍କା ହେବ। କ୍ୱାଲାଲମ୍ପୁରରୁ ଚେନ୍ନାଇକୁ ସୁନା ଚୋରା ଚାଲାଣ ବେଳେ (ପୃଷ୍ଠା-୭)

## ଆସନ୍ତା ୨୯ରେ ମହାନଦୀ ଟ୍ରିବ୍ୟୁନାଲର ଶୁଣାଣୀ

ଭୁବନେଶ୍ୱର, ୩୧।୮ (ସକାଳ ଖବର): ଆସନ୍ତା ୨୯ ତାରିଖ ଦିନ ମହାନଦୀ ପ୍ରସଙ୍ଗକୁ ନେଇ ଗଠନ ହୋଇଥିବା ଟ୍ରିବ୍ୟୁନାଲର ଶୁଣାଣୀ କରାଯିବ । ଏଥିପାଇଁ ଓଡ଼ିଶା ସମେତ ଛତିଶଗଡ଼, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡକୁ ନୋଟିସ ଜାରି କରାଯାଇଛି । ଏହି ନୋଟିସ ମିଳିଛି ବୋଲି ରାଜ୍ୟ ଜଳସମ୍ପଦ ବିଭାଗର ସଚିବ ପ୍ରଦୀପ ଜେନା ପ୍ରକାଶ କରିଛନ୍ତି । ରାଜ୍ୟ ସରକାର ପକ୍ଷରୁ ସମସ୍ତ ତଥ୍ୟ ଟ୍ରିବ୍ୟୁନାଲଠାରେ ଉପସ୍ଥାପନ କରାଯିବ।

## ଟଙ୍କା ଖସୁଛି, ତେଲ ବଢୁଛି

- ଖାଉଟି ସାମଗ୍ରୀ ମହଙ୍ଗା ହେବ
- ରପ୍ତାନୀ କାରବାର ବିଶେଷ ଭାବେ ପ୍ରଭାବିତ ହେବ
- ପରିବାରର ହାରାହାରି ଖର୍ଚ୍ଚ ୧୦ ପ୍ରତିଶତ ବୃଦ୍ଧି ପାଇବ




ନୂଆଦିଲ୍ଲୀ, ୩୧।୮ : ଆମେରିକୀୟ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ସର୍ବକାଳୀନ ଖସିଛି । ଏହା ଏବେ ୭୧ରେ ପହଁଚିଛି । ଅର୍ଥାତ ଗୋଟିଏ ଡଲାରର ବିନିମୟ ମୂଲ୍ୟ ଏବେ ୭୧ ଟଙ୍କା ହୋଇଛି । ଗତକାଲି ଟଙ୍କାର ବିନିମୟ ମୂଲ୍ୟ ୭୦ଦଶମିକ୍ ୭୪ ଥିଲା । ଆଜି ଟଙ୍କାର ମୂଲ୍ୟ ଆହୁରି ହ୍ରାସ ପାଇଛି । ଚଳିତ ବର୍ଷ ଟଙ୍କାର ମୂଲ୍ୟ ଡଲାର ତୁଳନାରେ ପ୍ରାୟ ୧୦ ପ୍ରତିଶତ ଖସିଲାଣି । ତେବେ ଏହା ସାଧାରଣ ଲୋକଙ୍କୁ ମଧ ପ୍ରଭାବିତ କରୁଛି । କ୍ରମାଗତ ଭାବେ ଟଙ୍କାର ମୂଲ୍ୟ ଡଲାର ତୁଳନାରେ ଖସି ଚାଲିଛି । ଏହାର ପ୍ରଭାବ ସାଧାରଣ ଲୋକଙ୍କ ଦୈନନ୍ଦିନ ଜୀବନରେ ମଧ ପଡୁଛି । ଆକଳନ ଅନୁସାରେ ଗୋଟିଏ ପରିବାରର ହାରାହାରି ଖର୍ଚ୍ଚ ୧୦ ପ୍ରତିଶତ ବୃଦ୍ଧି ପାଇବ । ଏସୀୟ ରାଷ୍ଟ୍ର ମଧ୍ୟରେ ସବୁଠାରୁ ଦୁର୍ବଳ ସ୍ତରରେ ରହିଛି ଭାରତର ମୁଦ୍ରା । ଟଙ୍କାର ମୂଲ୍ୟ ଡଲାର ତୁଳନାରେ ଗତ ଆଠ ମାସ ମଧ୍ୟରେ ୯.୭ ପ୍ରତିଶତକୁ ଖସିଛି । ଡଲାର ତୁଳନାରେ ଦୃଢ ସ୍ଥିତିରେ ରହିଛି କେବଳ ଜାପାନର ୟେନ । ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ ପାଇବା ପରେ ଆମଦାନୀ ହେଉଥିବା ସମସ୍ତ ଖାଉଟି ସାମଗ୍ରୀ ମହଙ୍ଗା ହେବ । ଛୋଟ ଛୋଟ ରପ୍ତାନୀ କମ୍ପାନୀ ଭିତରେ କଡା ଟକ୍କର ହେବ । ଏହାର ପ୍ରଭାବ ବିଶେଷ ଭାବରେ ତୈଳଦର ବୃଦ୍ଧି କ୍ଷେତ୍ରରେ ଯଥେଷ୍ଟ ବାରି ହୋଇଯାଉଛି । ଫଳରେ ରପ୍ତାନୀ କାରବାର ପ୍ରଭାବିତ ହେବ । ଏହା ସହ ବିଦେଶ ଗସ୍ତ ଓ ହୋଟେଲ ରହଣୀ ପାଇଁ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ହେବ । ଚିକିତ୍ସା ଖର୍ଚ୍ଚ ମଧ ବଢିବ, କାରଣ ବିଦେଶରୁ ଆମଦାନୀ ହେଉଥିବା ଔଷଧ ଓ ମେଡିକାଲ ଯନ୍ତ୍ରପାତିର ମୂଲ୍ୟ ବଢିବ । ବିଦେଶରେ ପଢିବା ମଧ ବ୍ୟୟବହୁଳ ହେବ । ଫଳରେ ବର୍ଷକୁ ଗୋଟିଏ ପରିବାରକୁ ୩ରୁ ୪ ଲକ୍ଷ ଟଙ୍କା ଅଧିକ ଖର୍ଚ୍ଚ କରିବାକୁ ପଡିବ । ଦେଶରେ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ପଛରେ ଟଙ୍କାର ମୂଲ୍ୟ ହ୍ରାସ ଏକ ବଡ କାରଣ ବୋଲି କୁହାଯାଉଛି । ସେପଟେ ବିଦେଶରେ କାମ କରୁଥିବା ବ୍ୟକ୍ତିଙ୍କ ପରିବାର ଲୋକ ଭାରତୀୟ ଟଙ୍କା ଆକାରରେ ଅଧିକ ଟଙ୍କା ପାଇବେ । ଏହା ସହ ବିଦେଶରେ ସଫ୍ଟୱେର କମ୍ପାନୀରେ କାମ କରୁଥିବା ବ୍ୟକ୍ତି ଅଧିକ ଟଙ୍କା ଦରମା ପାଇବେ, କିନ୍ତୁ କମ୍ପାନୀ ଯେକୌଣସି ସମୟରେ ଏହାକୁ ପରିବର୍ତ୍ତନ କରିବାର ସମ୍ଭାବନା ମଧ୍ୟ ରହିଛି । ଅନ୍ୟପଟେ ଭାରତୀୟଙ୍କ ବିଦେଶ ଗସ୍ତ ମହଙ୍ଗା ହେଉଥିବା ବେଳେ ବିଦେଶୀ ପର୍ଯ୍ୟଟକଙ୍କ ଭାରତ ଗସ୍ତ ଶସ୍ତା ହେବ । ଦୁଇ ଦିନ ତଳେ ଅର୍ଥ ସଚିବ ସୁଭାଷ ଚନ୍ଦ୍ର ଗର୍ଗ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ୬୮ରୁ ୭୦ ମଧ୍ୟରେ ସ୍ଥିର ରହିବ ବୋଲି ଆଶା ପ୍ରକାଶ କରିଥିଲେ । ବିଦେଶୀ ନିବେଶ ବୃଦ୍ଧି ପାଉଥିବାରୁ ଏଭଳି ଘଟିବ ବୋଲି ସେ ଅନୁମାନ କରୁଥିବା ବେଳେ ବର୍ତ୍ତମାନ ଟଙ୍କାର ସ୍ଥିତି ବଡ ପ୍ରଶ୍ନ ସୃଷ୍ଟି କରିଛି । ଗୋଟିଏ ପଟେ ଟଙ୍କାର ମୂଲ୍ୟ ହ୍ରାସ ଯୋଗୁଁ ଚିନ୍ତା ବଢୁଥିବା ବେଳେ ଭାରତୀୟ ଅର୍ଥନୀତି ଲାଗି ଆସିଛି ଏକ ଉତ୍ସାହଜନକ ଖବର

### ଜିଡିପିରେ ଅଭିବୃଦ୍ଧି

। ଦୁଇ ବର୍ଷର ଉତଥାନ ପତନ ପରେ ଚଳିତ ଆର୍ଥିକ ବର୍ଷର ପ୍ରଥମ ତିନି ମାସରେ ଜିଡିପି ବା ମୋଟ ଘରୋଇ ଉତ୍ପାଦର ବୃଦ୍ଧି ହୋଇଛି । ଏପ୍ରିଲରୁ ଜୁନ ମଧ୍ୟରେ ଜିଡିପି ଛୁଇଁଛି ୮ ଦଶମିକ ୨ ପ୍ରତିଶତ । ଜାନୁୟାରୀରୁ ମାର୍ଚ୍ଚ ମାସରେ ଜିଡିପି ଥିଲା ୭ ଦଶମିକ ୭ ପ୍ରତିଶତ । ଗତ ଆର୍ଥିକ ବର୍ଷରେ ଅତି ନୈରାଶ୍ୟଜନକ ଥିଲା ମୋଟ ଘରୋଇ ଉତ୍ପାଦ । ଅର୍ଥାତ ୨୦୧୭-୧୮ଆର୍ଥିକ ବର୍ଷରେ ଜିଡିପି ଥିଲା ୫.୫୯ ପ୍ରତିଶତ ।

## ମିଥ୍ୟା ମୃତ୍ୟୁର ଅପପ୍ରଚାର ନେଇ ପପୁଙ୍କ ସ୍ପଷ୍ଟୀକରଣ



ଭୁବନେଶ୍ୱର, ୩୧।୮ (ସକାଳ ଖବର): ସୋସିଆଲ ମିଡିଆରେ ଗତ କିଛିଦିନ ହେବ ହାସ୍ୟାଭିନେତା ପପୁଙ୍କ ମୃତ୍ୟୁ ହୋଇଥିବା ନେଇ ଏକ ମିଥ୍ୟା ଖବର ଘୂରି ବୁଲୁଥିଲା । ତେବେ ଏହା ଉପରେ ଆଜି ସ୍ପଷ୍ଟୀକରଣ ରଖିଛନ୍ତି ପପୁ ପମ୍ ପମ୍ । ସେ କହିଛନ୍ତି ଗତ ମେ’ ମାସରେ ଏକ ସୁଟିଂ ସେଟ୍‌ରେ ଅଚାନକ୍ ଅସୁସ୍ଥ ହୋଇପଡିଥିଲେ । ତାଙ୍କୁ ପ୍ରଥମେ ଖଣ୍ଡଗିରି ନିକଟସ୍ଥ ଏକ ହସ୍ପିଟାଲରେ ପ୍ରାରମ୍ଭିକ ଚିକିତ୍ସା ପରେ ଦିଲ୍ଲୀ ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା । ଗ୍ୟାଷ୍ଟ୍ରୋଏଂଟ୍ରୋଲୋଜି ବିଭାଗ ଆଇସିୟୁରେ ଚିକିତ୍ସିତ ହେବା ପରେ ଗତ ଜୁଲାଇ ୧୦ ତାରିଖରେ ସୁସ୍ଥ ହୋଇ ଓଡ଼ିଶା ଫେରିଥିଲେ । ତେବେ ଦୁଇ ଦିନ ତଳେ ପପୁ ରୁଟିନ୍ ଚେକ୍ଅପ୍ ପାଇଁ ଦିଲ୍ଲୀ ଯାଇଥିବାବେଳେ କିଛି (ପୃଷ୍ଠା-୭)